ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୧ ମାର୍ଚ୍ଚ, ୨୦୨୩



## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ, ପଡ଼ୋଶୀ ଗିରଫ

କେନ୍ଦୁଝର,୨୦।୩(ସ୍ୱ.ପ୍ର.): କେନ୍ଦୁଝର ଜିଲା ଟାଉନ ଥାନା ପୋଲିସ ଜଣେ ୧୨ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରେ ଘଷିପୁରା ବ୍ଲକ ଅଞ୍ଚଳର ସୁନ୍ଦର ମୋହନ ଟୁଡୁ (୩୦)ଙ୍କୁ ଗିରଫ କରିଛି। ସୁନ୍ଦର ଥାନା ଅଞ୍ଚଳରେ ରହି ମିସ୍ତ୍ରୀ ଭାବେ କାର୍ଯ୍ୟ କରନ୍ତି। ସେ ଉକ୍ତ ନାବାଳିକାଙ୍କ ଘର ନିକଟରେ ରୁହନ୍ତି। ନାବାଳିକାଙ୍କ ଘରେ କେହି ନ ଥିବା ବେଳେ ସୁନ୍ଦର ଗତ ଶନିବାର ନାବାଳିକାଙ୍କୁ ସାନଘାଗରା ବୁଲାଇବାକୁ ନେଇ ଯାଇଥିଲେ। ସେଠାକୁ ନ ଯାଇ ଜୁଡ଼ିଆ ଫାର୍ମ ନିକଟରେ ଆମ୍ବ ବଗାନକୁ ନେଇ ବଳାତ୍କାର ଉଦ୍ୟମ କରିଥିଲେ। ନାବାଳିକା ପାଟି କରିଥିଲେ। ସ୍ଥାନୀୟ ଲୋକେ ଆସିବା ଦେଖି ଯୁବକ ଫେରାର ହୋଇଯାଇଥିଲେ। ଏ ନେଇ ସ୍ଥାନୀୟ ଲୋକେ ପୋଲିସକୁ ସୂଚନା ଦେଇ ନାବାଳିକାଙ୍କୁ ହସ୍ତାନ୍ତର କରିଥିଲେ। ପରେ ଶିଶୁ ସୁରକ୍ଷା ସମିତିକୁ ପୋଲିସ ହସ୍ତାନ୍ତର କରିଥିଲା। କାଉନ୍‌ସେଲିଂ ବେଳେ ସମସ୍ତ ଘଟଣା ଜଣାପଡ଼ିବା ପରେ ପୋଲିସ ଅଭିଯୋଗକୁ ଆଧାର କରି ୧୧୫/୨୦୨୩ରେ ଏକ ମାମଲା ରୁଜୁ କରିଥିଲା। ସୋମବାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଥାନା ଏସ୍‌ଆଇ ସୁନୀଲ ନନ୍ଦ କହିଛନ୍ତି।

### କୂଅରୁ ନିଖୋଜ ଯୁବକଙ୍କ ମୃତଦେହ ଜବତ

ପାଟଣା,୨୦।୩(ସ୍ୱ.ପ୍ର.): କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଝାରବେଡ଼ା ଗାଁର ଏକ କୂଅରୁ ସୋମବାର ଜଣେ ଯୁବକଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ତୁରୁମୁଙ୍ଗା ଗ୍ରାମର ମାନସ ପୃଷ୍ଟି। ସେ ଶନିବାର ରାତିରୁ ନିଖୋଜ ଥିଲେ। ଘରଠାରୁ ୩ ଶହ ମିଟର ଦୂରରେ ଥିବା ଜଣକ କୂଅରେ ମୃତଦେହ ଭାସୁଥିବା ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ତୁରୁମୁଙ୍ଗା ପୋଲିସ, ଅଗ୍ନିଶମ ବାହିନୀ ପହଞ୍ଚି କୂଅରୁ ମୃତଦେହ ବାହାର କରି ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ମାନସ ମାନସିକ ବିକୃତ ଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ତୁରୁମୁଙ୍ଗା ଥାନାରେ ଅପମୃତ୍ୟୁ ମାମଲା (ନଂ. ୨/୨୩) ରୁଜୁ ହୋଇଛି।

### ଗୋପବନ୍ଧୁ ନଗର ପ୍ରେସ୍ କ୍ଲବର ଗ୍ରୀଷ୍ମକାଳୀନ ବୈଠକ

ଗୋପବନ୍ଧୁ ନଗର, ୨୦।୩ (ଡି. ଏନ.ଏ.)- ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ପ୍ରେସ୍ କ୍ଲବ ପକ୍ଷରୁ ଗ୍ରୀଷ୍ମକାଳୀନ ବୈଠକ କୁଆମରା ଉଚ୍ଚ ବିଦ୍ୟାଳୟ ପରିସରରେ ସଭାପତି ନିମାଇଁ ପ୍ରସାଦ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପ୍ରଦୀପ କୁମାର ପାଣିଗ୍ରାହୀ ଅତିଥି ଭାବେ ଯୋଗ ଦେଇଥିଲେ। ଗ୍ରୀଷ୍ମଋତୁରେ ଜଳଛତ୍ର ବ୍ୟବସ୍ଥା ଓ ସରବତ ବଣ୍ଟନ କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ କୁଆମରା ଫାଣ୍ଡି ଅଧିକାରୀ ବିଭୂତି ଭୂଷଣ ସ୍ୱାଇଁଙ୍କୁ ଜଣେ କର୍ତ୍ତବ୍ୟନିଷ୍ଠ ଓ ଦକ୍ଷ ପୋଲିସ ଭାବେ କ୍ଲବ ପକ୍ଷରୁ ସମ୍ମାନିତ କରାଯାଇଛି। କ୍ଲବ ସମ୍ପାଦକ ଡ. କୁମାର ବାବୁଲି, ଚିତ୍ତରଞ୍ଜନ ଦଳେଇ ଓ ହୀରେନ ରାୟ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସଦସ୍ୟ ଶାନ୍ତନୁ କୁମାର ମଡୁଆଳ, ସମ୍ବିତ କୁମାର ରାଉତ, ବିଶ୍ୱଜିତ ଦାଶ, ଦୀପକ ଚୌଧୁରୀ, ଯୋଗେଶ୍ୱର ସାହୁ, ଜୟନ୍ତ କୁମାର ସ, ମାଣିକ ହେମ୍ବ୍ରମ, ସୂର୍ଯ୍ୟକାନ୍ତି ପୁହାଣ, ରଞ୍ଜନ ମଡୁଆଳ ପ୍ରମୁଖ ଉପସ୍ଥିତ ଥିଲେ।

# ବେଆଇନ ବାଲି ଉତ୍ତୋଳନକୁ ବିରୋଧ

## ଜେସିବି ଅଟକାଇଲେ ଗ୍ରାମବାସୀ

କପ୍ତିପଦା,୨୦।୩(ଡି.ଏନ୍.ଏ)

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍‌ର ସଦର କପ୍ତିପଦା ପଞ୍ଚାୟତର ରଥଦାଣ୍ଡ ୱାର୍ଡର ସୋନନଦୀର ଅସ୍ଥାୟୀ ବେଲଡ଼ିହା ବାଲିଘାଟରେ ବେଆଇନ ବାଲି ଉତ୍ତୋଳନ ସମୟରେ ଏକ ଜେସିବିକୁ ଗ୍ରାମବାସୀ ଅଟକାଇଥିଲେ। ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ତହସିଲଦାର ପହଞ୍ଚି ଗାଡି ଜବତ କରିଥିଲେ।

ପ୍ରକାଶ ଯେ, ଗତ କିଛିଦିନ ପୂର୍ବରୁ ଉକ୍ତ ଘାଟ ଟେଣ୍ଡର ପ୍ରକ୍ରିୟାରେ ନିଲାମ ହୋଇଥିଲା। ମାତ୍ର ଘାଟ ନିଲାମ ପରେ ମଧ୍ୟ ଜଣେ ବ୍ୟକ୍ତିଙ୍କୁ ଅସ୍ଥାୟୀଭାବେ ବାଲି ଉତ୍ତୋଳନ ପାଇଁ ଅନୁମତି ଦିଆଯାଇଛି। ସୋନନଦୀର ଗୋଟିଏ ପାର୍ଶ୍ୱରେ ରଥଦାଣ୍ଡର ବାସପୋଯୋଗୀ


ନଦୀପଠାରୁ ଜେସିବ ଦ୍ୱାରା ବାଲି ଲୋଡ୍ ହେଉଛି।

ଗୃହ ଥିବାବେଳେ ଉଚ୍ଚ ଶକ୍ତି ସମ୍ପନ୍ନ ଏକଜାଭେଟର ଲଗାଇ ବାଲି ଉତ୍ତୋଳନ କରାଯାଉଛି। ଗ୍ରାମବାସୀ ଶ୍ରମିକମାନଙ୍କ ଦ୍ୱାରା ବାଲି ଉତ୍ତୋଳନ ପାଇଁ ନିବେଦନ କରିଥିଲେ ହେଁ ବିଭାଗୀୟ ଅଧିକାରୀ ଓ ବାଲିମାଫିଆମାନେ କର୍ଣ୍ଣପାତ କରି ନ ଥିଲେ। ଗତ ଶନିବାର ସକାଳ ସମୟରେ ନଦୀରେ ଏକଜାଭେଟର ଲଗାଇ ଡମ୍ପରଗୁଡ଼ିକରେ ବାଲି ଲୋଡ୍ ହେଉଥିବାବେଳେ ଗ୍ରାମବାସୀମାନେ ଗାଡ଼ି ସମ୍ମୁଖରେ ବସିଥିଲେ। ମେସିନ ନ ଲଗାଇବାକୁ ପ୍ରତିଶ୍ରୁତି ପରେ ଆନ୍ଦୋଳନରୁ ଉଠିଥିଲେ। ମାତ୍ର ରବିବାର ପୁଣି ଜେସିବି ଦ୍ୱାରା ବାଲି ଲୋଡ କରାଯାଉଥିବାବେଳେ ଗ୍ରାମବାସୀମାନେ ଅଟକ ରଖିଥିଲେ। ତହସିଲଦାର ସମରଜିତ କର ପହଞ୍ଚି ଜେସିବି ଏକଜାଭେଟରକୁ ନିଜ ଅକ୍ତିଆରକୁ ନେଇଥିଲେ।

ଅନ୍ୟପକ୍ଷେ କପ୍ତିପଦା ତହସିଲ ଅନ୍ତର୍ଗତ ଐତିହାସିକ ମୟୂରହୁଡ଼ା ପାହାଡ଼ ସଂଲଗ୍ନ ଅଞ୍ଚଳ ଓ ଶାରିଶୁଆ ପାହାଡ଼ରେ ଚୋରା ପଥର ବ୍ଲାଷ୍ଟିଂ ଓ ଚାଲାଣ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଆସୁଛନ୍ତି। ସ୍ଥାନୀୟ ପ୍ରଶାସନ ଏଥିପ୍ରତି କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ।

# ଛାତ୍ରାବାସ ଫାଟକରେ ତାଲା ପକାଇଲେ କଲୋନୀବାସୀ


ଗେଟ୍ ପନ୍ଦ ପରେ ଭିତରେ ରହିଥିବା ଛାତ୍ରାବାସର ଅନ୍ତେବାସୀମାନେ ।

କେନ୍ଦୁଝର,୨୦।୩,(ସ୍ୱ.ପ୍ର.)

ସ୍ଥାନୀୟ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ଫକିରମୋହନ ବାଳକ ଛାତ୍ରାବାସରେ ସ୍ଥାନୀୟ କଲୋନୀବାସୀ ସୋମବାର ତାଲା ପକାଇଥିଲେ। ଫଳରେ ଦୀର୍ଘ ୧ ଘଣ୍ଟା ଧରି ପିଲାମାନେ ଭିତରେ ଆବଦ୍ଧ ହୋଇ ରହିଥିଲେ। ଏହାକୁ ନେଇ ଅନ୍ତେବାସୀମାନେ ଅଧ୍ୟକ୍ଷଙ୍କୁ ଜଣାଇବା ପରେ ସଦର ଥାନାରେ ଲିଖିତ ଅଭିଯୋଗ ହୋଇଛି।

ପ୍ରକାଶ ଯେ, ଉକ୍ତ ହଷ୍ଟେଲର ମଇଳା ଆବର୍ଜନା ପାଣି ନିଷ୍କାସନ ପାଇଁ ପୌରପାଳିକା ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇନାହିଁ। ହଷ୍ଟେଲର ଆବର୍ଜନା ପାଣି ରାସ୍ତାରେ ଗଡୁଛି। ଯାତାୟାତରେ ଅସୁବିଧା ହେଉଥିବାରୁ ସ୍ଥାନୀୟ ହରିହର କଲୋନୀ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଉତ୍କ୍ଷିପ୍ତ ହୋଇ କଲୋନୀବାସୀ ହଷ୍ଟେଲରେ ତାଲା ପକାଇ ଦେଇଥିଲେ। ସୂଚନାଯୋଗ୍ୟ, ତତ୍କାଳୀନ ଜିଲାପାଳ ଶ୍ୱାଶତ ମିଶ୍ର ଉକ୍ତ ଅଞ୍ଚଳରେ ଥିବା ଚାଷ ଜମିକୁ ୨୦ ଫୁଟ ଲମ୍ବ ରାସ୍ତା ଦେବାକୁ କହିଥିଲେ।

## ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ

### ଥାନାରେ ଏତଲା

କଲେଜ ପାଚେରି ଭଙ୍ଗାଯିବା ପରେ ଉକ୍ତ ଚାଷ ଜମିକୁ କିସମ ପରିବର୍ତ୍ତନ କରି ଜମି ମାଲିକମାନେ ପ୍ଲଟ କରି ବିକ୍ରୀ କରିଥିଲେ। ଏବେ ଉକ୍ତ ସ୍ଥାନରେ ୫୦ରୁ ଊର୍ଦ୍ଧ୍ୱ ଘର ତିଆରି ହୋଇ ଏକ କଲୋନୀ ସ୍ଥାପନା ହୋଇଛି। ସେହି ସମୟରେ କଲେଜ ଅଧ୍ୟକ୍ଷ ଏହାର ପ୍ରତିବାଦ କରିଥିଲେ। ମାତ୍ର ପ୍ରାଶାସନ ପକ୍ଷରୁ ପଦକ୍ଷେପ ନିଆଯାଇନଥିଲା। ଏ ନେଇ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ନରେନ୍ଦ୍ର ସାହୁ କହିଛନ୍ତି ଯେ, କଲୋନୀ ପାଇଁ ବିକଳ୍ପ ରାସ୍ତା କରାଯାଉ। ହଷ୍ଟେଲ ଓ କଲେଜ ପରିସରକୁ ଆବଦ୍ଧ ରଖି ସୁରକ୍ଷା ଦିଆଯାଉ। ବର୍ତ୍ତମାନ ଏହାକୁ ରାଜ୍ୟ ସରକାର ବିଶ୍ୱବିଦ୍ୟାଳୟ ଘୋଷଣା କରିଥିବାରୁ ଏହାର ପରିସରକୁ ସୁରକ୍ଷିତ ରଖିବା ପାଇଁ ସ୍ଥାନୀୟ ଲୋକ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

# ଶୃଙ୍ଖଳିତ ହେବା ସହ ଆତ୍ମବିଶ୍ୱାସ ବଢ଼ାଇବାକୁ ପରାମର୍ଶ


ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ବାହାନଗା, ୨୦।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ଠାରେ ଥିବା ସେଞ୍ଚୁରିଆନ ୟୁନିଭରସିଟିର ପ୍ରଥମ ବାର୍ଷିକ ଉତ୍ସବ ଗଜଜ୍ୟୋତି-୨୦୨୩ ଉଦଯାପିତ ହୋଇଛି। ଏହି ଉତ୍ସବକୁ ବିଶ୍ୱବିଦ୍ୟାଳୟ ଭାଇସ୍ ଚେୟାରମ୍ୟାନ ପ୍ରଫେସର ଡ. ସୁପ୍ରିୟା ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଶିକ୍ଷାବିତ୍ ବିଶ୍ୱନାଥ ମିଶ୍ରଙ୍କ ପୌରୋହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର ଯୋଗଦେଇ ପ୍ରତ୍ୟେକ ଛାତ୍ରୀଛାତ୍ର ଶୃଙ୍ଖଳିତ ହେବା ସହ ନିଜର ଆତ୍ମବିଶ୍ୱାସ ସୁଦୃଢ କରିପାରିଲେ ସମାଜରେ ଜଣେ ଉତ୍ତମ ମଣିଷ ଭାବେ ଗଢିଉଠିବେ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଉଦ୍‌ଘାଟକ ବିଶ୍ୱବିଦ୍ୟାଳୟ ଭାଇସ୍ ଚେୟାରମ୍ୟାନ ପ୍ରଫେସର ଡ. ପଟ୍ଟନାୟକ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବାହାନଗା ତହସିଲଦାର ହିମାଂଶୁ ଗିରି, ଗୋପାଳପୁର ସରପଞ୍ଚ ତୁଷାରକାନ୍ତୀ ମହାପାତ୍ର, ଗୋପାଳପୁର ସମିତିସଭ୍ୟ ଯୋଗେଶ ଚନ୍ଦ୍ର ପତି, ଛାତ୍ର ମଙ୍ଗଳ ବିଭାଗ ଅଧିକାରୀ ସଂଗ୍ରାମକେଶରୀ ସ୍ୱାଇଁ, ବି ଫାର୍ମାସୀର ଅଧ୍ୟକ୍ଷ ଡ. ନିତ୍ୟାନନ୍ଦ ସାହୁ, ଡିପ୍ଲୋମା, ଆଇଟିଆଇ କଲେଜ ଅଧ୍ୟକ୍ଷ ଶୁକ୍ଳାଂଶୁ ଶେଖର ଦାସ, ଓରମାସ୍‌ର ସିଇଓ ଜୟନ୍ତ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଆଞ୍ଚଳିକ ନିର୍ଦ୍ଦେଶକ ଧ୍ରୁବଚରଣ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ତେବେ ଦୁଇଟି କଲେଜର କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ଭାଇସ ଚେୟାରମ୍ୟାନ ଓ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ବିଷ୍ଣୁପଦ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ଦ୍ୱିତୀୟ ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବ ସମେତ ଖାଦ୍ୟ ଉତ୍ସବ, କଳା ଓ କାରିଗରୀ ସମେତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

# ବାଇକ୍ ଧକ୍କାରେ ପୋଲ ତଳକୁ ଖସପଡ଼ିଲେ ଯୁବକ

### ପଥରରେ ପିଟିହୋଇ ଜୀବନ ଗଲା

ଧାମନଗର, ୨୦।୩ (ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ଥାନା ଅଧୀନ ତାମ୍ପଳା ନିକଟରେ ରବିବାର ଅପରାହ୍ନରେ ଏକ ବାଇକ୍ ଧକ୍କାରେ ପୋଲ ତଳକୁ ଖସି ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୋରିଷଡିହ ଗ୍ରାମର ସଂଗ୍ରାମ ରାଉତ(୨୨)। ସଂଗ୍ରାମ ସୋରିଷଡିହ ଗ୍ରାମରୁ ଚାଲି ଚାଲି ମାଙ୍କିଡ଼ିଆ ଗ୍ରାମ ଆଡ଼କୁ ଯାଉଥିବା ବେଳେ ତାମ୍ପଳାଠାରେ ଥିବା ପୋଲ ଉପରେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇ ଦ୍ରୁତଗତିରେ ପଳାଇ ଯାଇଥିଲା। ସଂଗ୍ରାମ ପୋଲ ତଳକୁ ଖସିପଡ଼ି ପଥରରେ ପିଟି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଦେଖି ତାଙ୍କୁ ଚିକିତ୍ସା ପାଇଁ ଭଦ୍ରକ ଡାକ୍ତରଖାନା ପଠାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ଧାମନଗର ପୋଲିସ ଡାକ୍ତରଖାନାରେ ପହଞ୍ଚି ସୋମବାର ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଏନେଇ ମୃତ ସଂଗ୍ରାମଙ୍କ ଭାଇ ତପନଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୧୮/୨୩) ରୁଜୁ କରି ତଦନ୍ତ ଚଳାଇଛି।

# 'କଠିନ ପରିଶ୍ରମ ସଫଳତାର ଚାବିକାଠି'



ସୋମପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥି।

ଚାନ୍ଦବାଲି,୨୦।୩ (ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ଏନ୍‌ଏସି ସୋମପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଓ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ପ୍ରଫୁଲ୍ଲ ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ଡ. ବ୍ୟୋମକେଶ ରାୟ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହ ଛାତ୍ର ଜୀବନର ଲକ୍ଷ୍ୟ, ଜ୍ଞାନ ଓ କଠିନ ପରିଶ୍ରମ ସଫଳତାର ଚାବିକାଠି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ସଭାପତି ଦ୍ୱିଜବର ରାଉତ, ଏନ୍‌ଏସି ଅଧକ୍ଷା ଶାନ୍ତିଲତା ସେଠୀ, ଉପାଧକ୍ଷ ଅମରେନ୍ଦ୍ର ସାହୁ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ନରେଶ ମାଝି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଲକ୍ଷ୍ମୀଧର ସାହୁ, ସାମାଜିକ କର୍ମୀ କ୍ଷୀରୋଦ ଥାଟୋଇ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଦମୟନ୍ତୀ ନାୟକ ସ୍ୱାଗତ ଭାଷଣ ଓ ଶିକ୍ଷୟିତ୍ରୀ ଦେବସ୍ମିତା ପରିଡ଼ା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ସିଆର୍‌ସିସି ଲଲାଟେନ୍ଦୁ ପୁହାଣ, ରତ୍ନାମଣି ଜେମାଦେବୀ, ନୃସିଂହ ବାରିକ, ନଗେନ୍ଦ୍ର ଓଝା, ପ୍ରିୟମ୍ବଦା ରାଉତ, ସୁଷମା ବେହେରା, ମମତା ସାମଲ, ସାମାଜିକ କର୍ମୀ ଉମେଶ ସାହୁ ଓ ସଞ୍ଜୁଲତା ମାଝି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ନ୍ୟାୟ ଦାବିରେ ବାପଘର ଲୋକଙ୍କ ଧାରଣା

## ବଧୂ ହତ୍ୟା ଘଟଣା

ନୀଳଗିରି, ୨୦।୩(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ନୀଳଗିରି ବରହମପୁର ଗରଡ଼ି ଗାଁରେ ପରକୀୟା ପ୍ରୀତିକୁ କେନ୍ଦ୍ର କରି ବଧୂ ହତ୍ୟା ଘଟିଥିଲା। ଏହି ଘଟଣାରେ ୩ ଜଣଙ୍କ ନାମରେ ଅଭିଯୋଗ ହୋଇଥିଲା। ମାତ୍ର ପୋଲିସ କେବଳ ଜଣଙ୍କୁ ଅଟକ ରଖି ତଦନ୍ତ କରୁଥିବା ବେଳେ ଅନ୍ୟ ଦୁଇଜଣଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ସୋମବାର ନ୍ୟାୟ ଦାବିରେ ବରହମପୁର ଥାନା ଆଗରେ ମୃତ ମହିଳାଙ୍କ ବାପଘର ଲୋକେ ଧାରଣାରେ ବସିଥିଲେ। ନୀଳଗିରି ଆଇଆଇସି ଗୋପାଳଚନ୍ଦ୍ର କର୍ଣ୍ଣ ସଦଳବଳେ ବରହମପୁର ଥାନାରେ ପହଞ୍ଚି ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ କହିବ ସହ ଦୁଇଦିନ ମଧ୍ୟରେ ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

କପ୍ତିପଦା ଥାନା ଅଞ୍ଚଳର ପ୍ରଶାନ୍ତ ମଣ୍ଡଳଙ୍କ ଝିଅ ସବିତାଙ୍କୁ ବରହମପୁର ଥାନା ଅଧୀନ ଗରଡ଼ିହି ଗାଁର ଦୀପ୍ତିକିଶୋର ବେହେରା ୪ବର୍ଷ ପୂର୍ବେ ବିବାହ କରିଥିଲେ। ହେଲେ ବାହାଘର ୬ମାସ ପରେ ଦୀପ୍ତିଙ୍କ ମା' ବାପାଙ୍କ ସମେତ ପରିବାର ଲୋକେ ଅଧିକ ଯୌତୁକ ଦାବି କରି ମାର୍‌ପିଟ୍ କରିଆସୁଥିଲେ। ବହୁବାର ବୈଠକ ହୋଇ ବୁଝାଶୁଝା ହୋଇଥିଲେ ମଧ୍ୟ ଉକ୍ତ ଘଟଣା ବାରମ୍ବାର ହେବାରୁ ଗତ ୨୦୨୦ ଜୁଲାଇ ୧୬ରେ ବରହମପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିଲ। ଉଭୟଙ୍କ ମଧ୍ୟରେ ଥାନାରେ ଆପୋଷ ବୁଝାମଣା ହୋଇଥିଲା। ପରେ ଦୀପ୍ତିଙ୍କ ସହ ଗାଁର ଅନ୍ୟ ଜଣେ ମହିଳାଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଯାହାକୁ ବିରୋଧ କରିଥିଲେ ସବିତା। ଶୁକ୍ରବାର ଦୀପ୍ତିଙ୍କ ପ୍ରେମିକା ତାଙ୍କ ଘରକୁ ଆସିବା ପରେ ସ୍ତ୍ରୀ ସ୍ୱାମୀଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା। ଏଥିରେ ସବିତା ଗୁରୁତର ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ମାରପିଟ୍ ଯୋଗୁ ସବିତାଙ୍କ ମୃତ୍ୟୁ ହୋଇଥିବା ତାଙ୍କ ବାପା ପ୍ରଶାନ୍ତ ମଣ୍ଡଳ ଶନିବାର ବରହମ୍‌ପୁର ଥାନାରେ ସ୍ୱାମୀ ଦୀପ୍ତିକିଶୋର ବେହେରା, ଶାଶୁ କମଳା ବେହେରା, ମମତା ସାହୁଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ବରହମପୁର ଥାନାରେ ଏକ ହତ୍ୟା ମାମଲା (ନଂ. ୨୯/୨୩) ରୁଜୁ କରାଯାଇ ସ୍ୱାମୀ ଦୀପ୍ତି କିଶୋର ବେହେରାଙ୍କୁ ଅଟକ ରଖି ତଦନ୍ତ କରାଯାଉଛି।

# କୋଟପା ଚଢ଼ାଉ: ୨୭ ଦୋକାନୀଙ୍କୁ ଜରିମାନା

ଭଦ୍ରକ ଅଫିସ, ୨୦।୩

ଭଦ୍ରକ ମୁଖ୍ୟ ଚିକିତ୍ସାଳୟ ନିକଟସ୍ଥ ଦୋକାନ ଓ ଚାନ୍ଦବାଲି ବାଇପାସ୍ ବଜାର ସହ ଚରମ୍ପା ଅଞ୍ଚଳରେ ବିଭିନ୍ନ ଦୋକାନରେ କୋଟପା ଚଢ଼ାଉ କରାଯାଇଛି। ମୋଟ ୨୭ ଦୋକାନୀଙ୍କଠାରୁ ୫,୨୦୦ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ମେଡିକାଲ ଛକରେ ୧୬ ଦୋକାନୀଙ୍କଠାରୁ ୩,୨୦୦ ଏବଂ ଚରମ୍ପା ବଜାରରେ ୧୧ ଦୋକାନୀଙ୍କଠାରୁ ୨,୦୦୦ଟଙ୍କା ଜରିମାନା ଆଦାୟ ହୋଇଛି। ଏପିଡେମିଲୋଜିଷ୍ଟ ଡା. କାଶୀନାଥ ପଣ୍ଡା, ଅଣସଂକ୍ରାମକ ରୋଗର ସହକାରୀ ପରିଚାଳକ ଦୀପକ ରାଉତ ଓ ଖାଦ୍ୟ ନିରାପତ୍ତା ଅଧିକାରୀ ବିଭୁଦତ୍ତ ଦାସ ଚଢ଼ାଉରେ ସାମିଲ ଥିଲେ।

# ଖଇରାରେ ଶଙ୍ଖ ମୋର ଗର୍ବ କାର୍ଯ୍ୟକ୍ରମ

ଖଇରା, ୨୦।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ଅଧୀନ ସିମୁଳିଆ ନିର୍ବାଚନ ମଣ୍ଡଳୀ ଅଧୀନ ଖଇରା ଓ ସିମୁଳିଆ ବ୍ଲକରେ ଶଙ୍ଖ ମୋର ଗର୍ବ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଖଇରା ବ୍ଲକର ୩୭ ପଞ୍ଚାୟତର ଶଙ୍ଖଧ୍ୱନି ସହ ଶଙ୍ଖ ମୋର ଗର୍ବ ସ୍ଲୋଗାନରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହୋଇଥିଲା । ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ବ୍ଲକର ଗଗନଧୂଳି, ଡାଲଙ୍ଗ, ଡଗରପଡା, ଅଚ୍ୟୁତିପୁର, ଜଳଦା, ଶ୍ୟାମସୁନ୍ଦରପୁର, ଗୋବିନ୍ଦପୁର, ନନ୍ଦୁର, ମହତୀପୁର, ଖଇରା, କୁପାରୀ, ଗଡପୋଖରୀ, କଇଥଗଡିଆ, ବର୍ତ୍ତନା, ଅଡା, ବରଦା, ଅନ୍ତରା, ଗରସଙ୍ଗ, ଡୁଙ୍ଗୁରା, ଗୋଳିହା, ସାରଡାଙ୍ଗ ଆଦି ପଞ୍ଚାୟତ ଗସ୍ତ କରି କର୍ମୀମାନଙ୍କ ସହ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ୫ନଂ. ଜୋନ ଜିଲା ପରିଷଦ ସଭ୍ୟ ମାନସ କୁମାର ଦାସ, ୪ନଂ. ଜୋନର ରଶ୍ମିତା ମହାପାତ୍ର, ୬ନଂ. ଜୋନର ସୁଷମା ମହାପାତ୍ରଙ୍କ ନେତୃତ୍ୱରେ ବିଭିନ୍ନ ପଞ୍ଚାୟତ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିବା ବେଳେ ବ୍ଲକ ଉପାଧ୍ୟକ୍ଷ ଗଜେନ୍ଦ୍ର ପରିଡା ଓ ଏମ୍‌ପି ପ୍ରତିନିଧି ଜୟନ୍ତ କୁମାର ରାଉତଙ୍କ କୁପାରୀ ୩ନଂ. ଜୋନରେ ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଏଥିସହ ବିଧାୟକ ଲୋକ ପ୍ରତିନିଧି ଏବଂ ବିଜେଡି ନେତୃବୃନ୍ଦଙ୍କ ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଉପରେ ସମୀକ୍ଷା କରଥିଲେ।



ଖଇରା ବଜାର ବିଜେଡି କାର୍ଯ୍ୟାଳୟ ସମ୍ମୁଖରେ କର୍ମୀଙ୍କ ଗହଣରେ ଆୟୋଜିତ ଶଙ୍ଖ ମୋର ଗର୍ବ କାର୍ଯ୍ୟକ୍ରମ।

### କୁଡୁମୀ ଜାତିକୁ ଆଦିବାସୀ ମାନ୍ୟତା ଦାବି ତେଜିଲା

# ଜିଲାବ୍ୟାପୀ ହରତାଳ ଆଜି

ବାରିପଦା ଅଫିସ, ୨୦।୩

କୁଡୁମୀ ଜାତିକୁ ପୁନଃ ଆଦିବାସୀ ମାନ୍ୟତା ଦାବିରେ କୁଡୁମୀ ସେନା ପକ୍ଷରୁ ମଙ୍ଗଳବାର ମୟୂରଭଞ୍ଜ ଜିଲାରେ ୬ଘଣ୍ଟିଆ ହରତାଳ ଓ ବନ୍ଦ ଡାକରା ଦିଆଯାଇଛି। ଏନେଇ କୁଡୁମୀ ସେନାର ରାଜ୍ୟ ସଭାପତି ଜୟମୁନି ମହାନ୍ତଙ୍କ ନେତୃତ୍ୱରେ ସୋମବାର ବାରିପଦା ସହରରେ ଏକ ମଶାଲ ଶୋଭାଯାତ୍ରା ପରିକ୍ରମା ପୂର୍ବକ ଶକ୍ତି ପ୍ରଦର୍ଶନ କରାଯାଇଛି। କୁଡୁମୀ ସମ୍ପ୍ରଦାୟକୁ ୧୯୫୦ ସେପ୍ଟେମ୍ବର ୬ରୁ ଆଦିବାସୀ ତାଲିକାରୁ ବାଦ୍ ଦିଆଯାଇଛି। ପରେ ପୁନଃ ଆଦିବାସୀ ତାଲିକାଭୁକ୍ତ ପାଇଁ ଦାବି ହୋଇଆସୁଥିଲେ ମଧ୍ୟ ପୂରଣ ହେଉନାହିଁ। କୁଡୁମୀ ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ନିକଟକୁ କୋଣସି ସୁପାରିଶ୍ କରି ନ ଥିବା ଅଭିଯୋଗ ହୋଇଛି। ଏଣୁ ଆଦିବାସୀ ମାନ୍ୟତା ସହ କୁଡୁମାଲି



କୁଡୁମୀ ସେନା ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ଭାଷାକୁ ସମ୍ବିଧାନରେ ସାମିଲ କରିବା ଆଦି ଦାବି ନେଇ ସ୍ୱାଧୀନତା ସଂଗ୍ରାମୀ ରଘୁନାଥ ମହାତୋଙ୍କ ଜୟନ୍ତୀରେ ମଙ୍ଗଳବାର ସକାଳ ୬ରୁ ୧୨ଟା ପର୍ଯ୍ୟନ୍ତ ହରତାଳ (ହୁଡକା ଜାମ୍) ସହ ବନ୍ଦ ପାଳନ ହେବ। କୁଡୁମୀ ସେନାର ଶତାଧିକ ମହିଳା ଓ ପୁରୁଷ କର୍ମକର୍ତ୍ତା ଏଥିରେ ସାମିଲ ହେବେ। ତେବେ ଏହି ସମୟରେ ଜରୁରୀ ସେବା,

## ମଶାଲ ଶୋଭାଯାତ୍ରାରେ ଶକ୍ତି ପ୍ରଦର୍ଶନ

ପରୀକ୍ଷା ଓ ପରୀକ୍ଷାର୍ଥୀଙ୍କୁ ଆନ୍ଦୋଳନରୁ ବାଦ୍ ଦିଆଯିବ ବୋଲି କୁହାଯାଇଛି। କୁଡୁମୀ ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ପାଇଁ ଆଗକୁ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି ସଭାପତି ଜୟମୁନୀ କହିଛନ୍ତି। ଜିଲା ସଭାପତି ଡମ୍ବରୁଧର ମହାନ୍ତ, ମହିଳା ସେନା ସଭାପତି ସୁଜାତା ମହାନ୍ତ, ଜିଲା କାର୍ଯ୍ୟକାରୀ ସଭାପତି ସାଇରାମ ମହାନ୍ତ, ଉପେନ୍ଦ୍ର ମହାନ୍ତ, ବଳଭଦ୍ର ମହାନ୍ତ, ଯୁବ ସେନାର ବରୁଣ ମହାନ୍ତ, ଗୌତମ ମହାନ୍ତ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ଥିଲେ।

## ଟ୍ରକ୍ ଭିତରେ ହେଲପରଙ୍କ ମୃତ୍ୟୁ

ବାହାନଗା,(ଡି.ଏନ.ଏ.)-ବାଲେଶ୍ୱର ଜିଲା ବାହାନଗା ବ୍ଲକ ୧୬ନମ୍ବର ଜାତୀୟ ରାଜପଥର ବାରିକପୁର ସାପ୍ତାହିକ ହାଟ ନିକଟ ପେଟ୍ରୋଲ ପମ୍ପଠାରେ ଛିଡା ହୋଇଥିବା ଟ୍ରକର ହେଲପରଙ୍କ ମୃତ୍ୟୁ ଘଟିଛି। ତାମିଲନାଡୁରୁ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିବା ଲୁହା ବୋଝେଇ ଟ୍ରକ୍‌ର ହେଲପର ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଔଷଧ ଖାଇ ଶୋଇପଡିଥିଲେ। ପରେ ସେ ନ ଉଠିବାରୁ ଡ୍ରାଇଭର ସ୍ଥାନୀୟ ଲୋକଙ୍କ ସହାୟତାରେ ସୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



## ସଂକ୍ଷେପରେ

### ଅପହରଣ, ବଳାତ୍କାର ଅଭିଯୋଗ: ୩ ଗିରଫ

ବାହାନଗା,୨୦।୩(ଡି.ଏନ.ଏ.)-ବାହାନଗା ବ୍ଲକ ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ଅଭିଯୋଗରେ ଜଣେ ଯୁବକଙ୍କ ସହିତ ତାଙ୍କ ମା' ଓ ତାଙ୍କ ସହଯୋଗୀଙ୍କୁ ସୋର ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଏଥିନିମନ୍ତେ ସୋର ଥାନାରେ ଏକ ମାମଲା(ନଂ.୧୨୬/୨୩) ରୁଜୁ ହୋଇଛି। ଗିରଫ ୩ଜଣ ହେଲେ ବାସୁଦେବପୁର ଥାନା ଅଞ୍ଚଳର ଚୂଡ଼ାମଣି ଗ୍ରାମର ଜୟଦେବ ସାହୁ(୨୪), ତାଙ୍କ ମା' ପାର୍ବତୀ ସାହୁ ଓ ତାଙ୍କ ସହଯୋଗୀ ପ୍ରଶାନ୍ତ ରଣା।

ଜୟଦେବ ଗୁଜୁରାଟରେ ଏକ କମ୍ପାନୀରେ କାମ କରୁଥିବା ବେଳେ ବାହାନଗା ଅଞ୍ଚଳର ଜଣେ ନାବାଳିକାଙ୍କ ସହିତ ଫେସବୁକରେ ସମ୍ପର୍କ ଗଢ଼ିଉଠିଥିଲା। ପରେ ଜୟଦେବ ବାହାନଗା ଆସି ନାବାଳିକାଙ୍କୁ ଅପହରଣ କରିନେଇ ପଳାଇଥିଲେ। ଏ ବାବଦରେ ନାବାଳିକାଙ୍କ ପରିବାର ଲୋକ ସୋର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ୍ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ମାତ୍ର ଗତ ରବିବାର ରାତିରେ ସୋର ପୋଲିସ ଚୂଡ଼ାମଣିରେ ପହଞ୍ଚି ସ୍ଥାନୀୟ ପୋଲିସ ସହାୟତାରେ ନାବାଳିକାଙ୍କୁ ଜୟଦେବଙ୍କ ମାମୁ ଘରୁ ଉଦ୍ଧାର କରିବା ସହ ଜୟଦେବଙ୍କୁ ଗିରଫ କରିଥିଲେ। ପରେ ପୋଲିସ ନାବାଳିକାଙ୍କ ବୟାନକୁ ଭିତ୍ତି କରି ଜୟଦେବଙ୍କ ମା' ପାର୍ବତୀ ଓ ତାଙ୍କ ସାଙ୍ଗ ଶରତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଉଭୟଙ୍କର ଡାକ୍ତରୀମାଇନା କରାଯାଇଥିଲା।

### କନଷ୍ଟେବଲଙ୍କ ମୃତ୍ୟୁ ଘଟଣା: ଟ୍ରକ୍ ଚାଳକ ଗିରଫ

ପାଟଣା,୨୦।୩(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗା ରାଜପଥର ଝାରବେଡ଼ାଥାନା ଛକରେ ଶନିବାର ଏକ ଆଳୁ ବୋଝେଇ ଟ୍ରକ୍ ଧକ୍କାରେ କାର୍ଯ୍ୟରତ କନଷ୍ଟେବଲଙ୍କ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ ପୋଲିସ ଟ୍ରକ୍‌କୁ ଜବତ କରି ତଦନ୍ତ ଆରମ୍ଭ କରିଥିଲା। ରବିବାର ଚାଳକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଚାଳକ ପଶ୍ଚିମବଙ୍ଗର ପଶ୍ଚିମ ମେଦିନିପୁର ଗାରହବେଟା ଥାନା ଖାରିକାସୁଲି ଗ୍ରାମର ପ୍ରଶାନ୍ତ ପାତ୍ର(୨୯) ବୋଲି ଥାନା ଏସ୍ ଆଇ ଯମୁନା ମାରାଣ୍ଡି ସୂଚନା ଦେଇଛନ୍ତି।

### ଯୁବତୀଙ୍କ ଅସ୍ୱାଭାବିକ ମୃତ୍ୟୁ

ଢେଙ୍କିକୋଟ,୨୦।୩(ଡି.ଏନ.ଏ): କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ତରାଣିପୋଖରୀ ପଞ୍ଚାୟତ ତରାଣିପୋଖରୀ ଗ୍ରାମରେ ଜଣେ ଯୁବତୀଙ୍କ ଅସ୍ୱାଭାବିକ ଭାବେ ମୃତ୍ୟୁ ହୋଇଛି। ଗ୍ରାମର ନନ୍ଦ ମୁଣ୍ଡାଙ୍କ ଝିଅ ଚିନୁ ମୁଣ୍ଡା(୧୮)ଙ୍କ ରବିବାର ରାତିରେ ଦେହ ଅସୁସ୍ଥ ହୋଇପଡ଼ିଥିଲା। ତାଙ୍କୁ ପରିବାର ଲୋକେ ପାଟଣା ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ମାତ୍ର ସେଠାରେ ଚିକିତ୍ସିତ ଅବସ୍ଥାରେ ସୋମବାର ତାଙ୍କର ମୃତ୍ୟୁ ଘଟିଛି। ଖବର ପାଇ ଢେଙ୍କିକୋଟ ବିଟ ହାଉସ ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଘଟଗାଁ ଥାନାରେ (ନଂ.୧୫/୨୩) ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଥିବା ତଦନ୍ତକାରୀ ଅଧିକାରୀ ତରଣୀସେନ ବାଗ କହିଛନ୍ତି।

### କାଞ୍ଜିପାଣି ଘାଟିରେ ବସ୍ ଦୁର୍ଘଟଣାଗ୍ରସ୍ତ

କେନ୍ଦୁଝର,୨୦।୩(ସ୍ୱ.ପ୍ର.): ପାଲଲହଡ଼ାରୁ କେନ୍ଦୁଝର ଅଭିମୁଖେ ଆସୁଥିବା ମା' ବସ୍ ସୋମବାର କାଞ୍ଜିପାଣି ଘାଟିରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଯାତ୍ରୀ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ବସଟି ଘାଟି ରାସ୍ତାରେ ଆସୁଥିବା ବେଳେ ଭାରସାମ୍ୟ ହରାଇ ବାମପାର୍ଶ୍ୱକୁ ଗଡ଼ିଯାଇଥିଲା। ରାସ୍ତା କଡ଼ ଡ୍ରେନ ତଳକୁ ଖସି ଅଟକି ଯାଇଥିଲା। ଖବର ପାଇ କାଞ୍ଜିପାଣି ଥାନା ପୋଲିସ ପହଞ୍ଚି ଯାତ୍ରୀଙ୍କୁ ଉଦ୍ଧାର କରି ଅନ୍ୟ ବସ୍‌ରେ କେନ୍ଦୁଝରକୁ ପଠାଇବା ବ୍ୟବସ୍ଥା କରିଥିଲା।

### କରଞ୍ଜିଆ ମହୋତ୍ସବର ଲୋଗୋ ଉନ୍ମୋଚିତ

କରଞ୍ଜିଆ,୨୦।୩(ଡି.ଏନ୍.ଏ): ମୟୂରଭଞ୍ଜ ଜିଲା ଜଡଲା ପାଞ୍ଚପୀର ଉପ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅଗ୍ରଣୀ ଅନୁଷ୍ଠାନ କରଞ୍ଜିଆ ମହୋତ୍ସବର ଏକ ନୂତନ ଲୋଗୋ ଉନ୍ମୋଚିତ ହୋଇଛି। ଉତ୍ସବରେ ଜିଲା ଆରକ୍ଷୀ ଅଧିକ୍ଷକ ଋଷିକେଶ ଦ୍ୟାନଦେଓ ଖିଲାରୀ, ପିଏଆଇଟିଡିଏ ଦେବଦତ୍ତ ମହାନ୍ତ, ଉପ ଜିଲାପାଳ ପ୍ରେମାଂଶୁ ଚାନ୍ଦ, ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାଏକ, ତହସିଲଦାର ଚାର୍ଲସ ନାଏକ ସମେତ ମହୋତ୍ସବ କମିଟିର ଦିବ୍ୟ ପ୍ରସାଦ ସାହୁ, ଉମାଶଙ୍କର ଦାସ, କର୍ଣ୍ଣାର୍ଜୁନ ସାହା, ସୁରଜ ସିଂ, କବିତା ମହାନ୍ତ, ସଞ୍ଜୟ ଅଗ୍ରୱାଲ, ଜଗମୋହନ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ଉଦ୍‌ଘାଟନ ହେଲା, କାମରେ ଲାଗୁନି

## ଆଇଟିଡିଏ ହଷ୍ଟେଲ

ମାନସ ବିଶ୍ୱାଳ
ବାଲେଶ୍ୱର ଅଫିସ, ୨୦।୩

ରାଜ୍ୟ ସରକାର ଅନୁସୂଚିତ ଜାତି, ଜନଜାତି, ଅନ୍ୟାନ୍ୟ ପଛୁଆବର୍ଗ ଛାତ୍ରୀଛାତ୍ରଙ୍କ ନିମନ୍ତେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡ଼ିଏ) ନୀଳଗିରି ପକ୍ଷରୁ ବାଲେଶ୍ୱର ସହର ଏଡିଏମ୍ ଛକ ନିକଟସ୍ଥ ରାଜା ବଗିଚାରେ ୩ଶହ ଶଯ୍ୟା ବିଶିଷ୍ଟ ଦୁଇଟି ହଷ୍ଟେଲ ନିର୍ମାଣ କରାଯାଇଛି। ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ୨୦୨୧ ନଭେମ୍ବର ୨୬ ତାରିଖରେ ଉଦ୍‌ଘାଟନ କରିଥିଲେ। ଏଯାବତ୍ ଉକ୍ତ ୩ ମହଲା ବିଶିଷ୍ଟ ୨ଟି ନୂତନ କୋଠା ଉଦ୍‌ଘାଟନର ୨୬ମାସ ବିତିଯାଇଥିଲେ ମଧ୍ୟ କାର୍ଯ୍ୟକ୍ଷମ ହୋଇପାରିନାହିଁ।

ପାରିପାର୍ଶ୍ୱିକ ଅବସ୍ଥାରୁ ଉକ୍ତ କୋଠା ଘରକୁ ଯା'ଆସ କରିବାକୁ ଠିକ୍ ଭାବେ ରାସ୍ତା ନାହିଁ। ଚାରିପାଖ ସନ୍ତସନ୍ତିଆ ଓ ଅସ୍ୱାସ୍ଥ୍ୟକର ପରିବେଶ। ଅଳ୍ପ ବର୍ଷା ହେଲେ ପାଣି ଜମି ରହୁଛି। ଜଳ ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ହୋଇନାହିଁ। ବିଦ୍ୟୁତ୍ ସଂଯୋଗୀକରଣ ସମ୍ପୂର୍ଣ୍ଣ ଭାବରେ ଶେଷ ହୋଇପାରିନି। ମୁଖ୍ୟମନ୍ତ୍ରୀ ଏହି ଦୁଇଟି ହଷ୍ଟେଲକୁ ଉଦ୍‌ଘାଟନ କରିଥିଲେ ମଧ୍ୟ ଏଯାବତ୍ କାମ ସରୁନାହିଁ। ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଦେଢ଼ବର୍ଷ ପୂର୍ବରୁ ପ୍ରସ୍ତୁତ ସରିଛି ବୋଲି ଉଦ୍‌ଘାଟନ କରି ବାଃ ବାଃ ନେଉଥିବା ବେଳେ ଉକ୍ତ ଦୁଇ ହଷ୍ଟେଲରେ ପ୍ରକୃତରେ କେତେ କାମ ସରିଛି ସେଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଉନି। ଉଦ୍‌ଘାଟନର ୨୬ ମାସ ପରେ ମଧ୍ୟ ଜିଲା ପ୍ରଶାସନ କେଉଁ ପଦକ୍ଷେପ ନେଇଛି ତାହା ଜଣାପଡିନାହିଁ। ଅସରାଏ


ହଷ୍ଟେଲ ଚାରିପାଖରେ ବର୍ଷା ପାଣି ଜମି ରହିଛି।

ବର୍ଷା ହେଲେ ଉକ୍ତ ୩ ତାଲା କୋଠା ବିଶିଷ୍ଟ ଦୁଇଟି କୋଠା ଘର ପାଣିରେ ବୁଡ଼ିରହୁଛି। ଅସ୍ୱାସ୍ଥ୍ୟକର ପରିବେଶରେ ରହିଲେ ପିଲାଙ୍କ ସ୍ୱାସ୍ଥ୍ୟାବସ୍ଥା କିପରି ରହିବ ତାହା ଚିନ୍ତାର ବିଷୟ।

ଏନେଇ ପିଏ ଆଇଟିଡିଏ ଦାୟିତ୍ୱରେ ଥିବା ନୀଳଗିରି ଉପଜିଲାପାଳ ମନ୍ଦରଧର ମହାଲିକ କହିଛନ୍ତି, ଏହାକୁ ଯଥାଶୀଘ୍ର କାର୍ଯ୍ୟକାରୀ କରାଯିବା ପାଇଁ ଚେଷ୍ଟା ଜାରି ରହିଛି। କାର୍ଯ୍ୟକ୍ଷମ ହେଲେ ପାରିପାର୍ଶ୍ୱିକ ଅବସ୍ଥା ସୁଧାରଯିବ। ଏଥିପ୍ରତି ଦୃଷ୍ଟି ଦିଆଯାଉଛି ବୋଲି ପ୍ରକାଶ କରିଛନ୍ତି।

# ଆନନ୍ଦପୁର ପୌରପରିଷଦରେ ଅଚଳାବସ୍ଥା

## ଜିଲାପାଳଙ୍କୁ ଭେଟିଲେ କାଉନ୍‌ସିଲର, ଅଧ୍ୟକ୍ଷା

ଆନନ୍ଦପୁର,୨୦।୩(ସ୍ୱ.ପ୍ର.): କେନ୍ଦୁଝର ଜିଲା ଆନନ୍ଦପୁର ପୌରପରିଷଦରେ ଅଚଳାବସ୍ଥା ଲାଗି ରହିଛି। ଏହାର ସମାଧାନ ପାଇଁ ଉଭୟ କାଉନ୍‌ସିଲର ଓ ଅଧ୍ୟକ୍ଷା ସୋମବାର ହାଟଡ଼ିହୀ ବ୍ଲକ୍‌ରେ ଅନୁଷ୍ଠିତ ହୋଇଥିବା ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ପୃଥକ ଭାବେ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲାପାଳ ଆଶିଷ ଠାକରେ ଉଭୟ ଅଭିଯୋଗର ଗୁରୁତ୍ୱକୁ ଅନୁଭବ କରି ୭ ଦିନ ମଧ୍ୟରେ ପୌରପରିଷଦରେ ଲାଗିରହିଥିବା ବିବାଦୀୟ ପରିସ୍ଥିତିକୁ ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

ପୌରଉପାଧ୍ୟକ୍ଷଙ୍କ ସମେତ ୧୪ ଜଣ କାଉନ୍‌ସିଲର ଜିଲାପାଳଙ୍କୁ ଭେଟି ନିୟମିତ ବ୍ୟବଧାନରେ ପାରିଷଦର ବୈଠକ, ପାରିତ ହେଉଥିବା ରିଜୋଲ୍ୟୁସନ୍ କାର୍ଯ୍ୟକାରୀ ହୋଇପାରୁ ନ ଥିବ ଉପରେ ଗୁରୁତ୍ୱ, ଏପରିକି ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ଅଧ୍ୟକ୍ଷାଙ୍କ ସହଯୋଗ ମିଳୁ ନ ଥିବା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ପୌରଅଧିକାରୀ କୌଣସି ଉନ୍ନୟନ କାର୍ଯ୍ୟକୁ କାର୍ଯ୍ୟକାରୀ କରିବା ସମୟରେ ଅଧ୍ୟକ୍ଷାଙ୍କୁ କୌଣସି ସୂଚନା ଦେଉନଥିବା ଅଭିଯୋଗ କରିଛନ୍ତି। ଉଭୟ ଦାବି ପତ୍ରରେ ଆନନ୍ଦପୁର ପୌରପରିଷଦର ବିକାଶକୁ ଗୁରୁତ୍ୱ ଦିଆଯାଇଥିବାବେଳେ ସମନ୍ୱୟ ଅଭାବରୁ ଏହା ସମ୍ଭବ ହୋଇପାରୁନି। ଏଭଳି ବିବାଦୀୟ ପରିସ୍ଥିତିରେ ପୌରବାସୀ ସନ୍ତୁଳିତ ହେଉଛନ୍ତି। କେବେ ବିବାଦର ସମାଧାନ ହେବ ଓ ଆନନ୍ଦପୁରର ବିକାଶ ହେବ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଛାତ୍ରୀ ଓ ଅଭିଭାବକମାନେ ଧାରଣାରେ ବସିଛନ୍ତି।

ଭଦ୍ରକ ଅଫିସ, ୨୦।୩

ଭଦ୍ରକଜିଲା ଧାମନଗର ବ୍ଲକ ଅଧୀନ ଧୂଷୁରୀ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ଜଣେ ଶିକ୍ଷକ କିଛିଦିନ ତଳେ କେତେଜଣ ଛାତ୍ରୀଙ୍କୁ ଅସଦାଚରଣ କରିଥିଲେ। ଉକ୍ତ ଶିକ୍ଷକଙ୍କୁ ଚାକିରିରୁ ନିଲମ୍ବନ ସହ ଗିରଫ କରାଯାଇଥିଲା। ସେତେବେଳେ ଏହି ଘଟଣାକୁ ଚପାଇବାକୁ ଉଦ୍ୟମ କରିଥିବା ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଚାକିରିରୁ ବହିଷ୍କାର ସହ ଗିରଫ, ବେଆଇନ ଭାବେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରାସ୍ତାରୋକୋ କରାଇଥିବା ବ୍ୟକ୍ତିମାନଙ୍କୁ ଦଣ୍ଡ ଆଦି ୫ ଦଫା ଦାବିରେ ସୋମବାର ଉକ୍ତ ବିଦ୍ୟାଳୟର ଛାତ୍ରୀ ଓ ଅଭିଭାବକମାନେ ଜିଲାପାଳଙ୍କକାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ।

ପ୍ରକାଶଥାଉ କି, ସେତେବେଳେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ୭ଦିନ ପାଇଁ ବିଦ୍ୟାଳୟ ନ ଆସିବାକୁ ଜିଲା ଶିକ୍ଷାଧିକାରୀ ମୌଖିକ ନିର୍ଦ୍ଦେଶ ଦେଇଥିଲେ। ଏହାର ପ୍ରତିବାଦରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସପକ୍ଷରେ କେତେକ ଛାତ୍ରୀ ଓ ଅଭିଭାବକ ପରଦିନ ବିଦ୍ୟାଳୟ ଫାଟକ ବନ୍ଦ କରି ଧୂଷୁରୀ ବସ୍‌ଷ୍ଟାଣ୍ଡ ନିକଟରେ ରାସ୍ତା ଅବରୋଧ କରିଥିଲେ।

# ବିଡିଓଙ୍କ ଦ୍ୱାରସ୍ଥ ହେଲେ କୁଟାରୀପୋଶୀବାସୀ

ଚମ୍ପୁଆ,୨୦।୩(ଡି.ଏନ୍.ଏ)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ କୁଟାରିପୋଶୀ ପଞ୍ଚାୟତର ବିଭିନ୍ନ ଗ୍ରାମରେ ବସବାସ କରୁଥିବା ୬୦ ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧା, ବୃଦ୍ଧ ଓ ବିଧବା ମହିଳାମାନେ ଭତ୍ତାରୁ ବଞ୍ଚିତ ରହିଛନ୍ତି। ଏନେଇ ଆବେଦନ କଲେ ମଧ୍ୟ ସୁଫଳ ମିଳି ପାରୁନାହିଁ। ଏନେଇ ଯୋଜନାରେ ସାମିଲ କରିବାକୁ ପଞ୍ଚାୟତବାସୀ ଚମ୍ପୁଆ ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ସୂଚନା ଅନୁଯାୟୀ, ଉକ୍ତ ପଞ୍ଚାୟତର କୁଟାରିପୋଶୀ, କଙ୍କଡ଼ାପାଟ ଓ କୁଦାପି ଅଞ୍ଚଳର କୁନ୍ତଳା ପାତ୍ର, ମେକାଳନ୍ଦୀ, ମୁଳା ମହାନ୍ତ, ଚଞ୍ଚଳା ମହାନ୍ତ, ସୁଲୋଚନା ମହାନ୍ତ, ବତି ମୁଣ୍ଡା, ଅହଲ୍ୟା ମହାନ୍ତ, ହିରାପଣୀ କଳା, କାଞ୍ଚନ ବାନାରା, ଦ୍ରୌପଦୀ ମହାନ୍ତ, ଶାନ୍ତି ମହାକୁଡ଼ ପ୍ରମୁଖଙ୍କ ବୟସ ୬୦ରୁ ଊର୍ଦ୍ଧ୍ୱ ହୋଇଥିଲେ ମଧ୍ୟ ଏମାନେ ମଧୁବାବୁ ପେନ୍‌ସନ୍ ଯୋଜନାରେ ସାମିଲ ହୋଇପରି ନାହାନ୍ତି। ବାରମ୍ବାର ଆବେଦନ କରି ମଧ୍ୟ ବିଫଳ ହେବା ପରେ କୁଟାରିପୋଶୀ ପଞ୍ଚାୟତର ସରପଞ୍ଚ ଜୟରାମ ଚାତାରଙ୍କ ନେତୃତ୍ୱରେ ଚମ୍ପୁଆ ବିଡିଓ ଜ୍ୟୋସ୍ନାରାଣୀ ନାଏକଙ୍କଠାରେ ଫେରାଦ ହୋଇ ଅଭିଯୋଗ କରିଛନ୍ତି। ଏ ନେଇ ବିଡିଓ କହିଛନ୍ତି, ଏମାନଙ୍କର ଭୋଟର କାର୍ଡ ଓ ଆଧାର କାର୍ଡରେ ଜନ୍ମ ତାରିଖ କମ ଥିବାରୁ ପୋର୍ଟାଲରେ ଏମାନଙ୍କ ଆବେଦନପତ୍ର ସାମିଲ ହୋଇପାରୁନାହିଁ। ପ୍ରମାଣ ପତ୍ର ପ୍ରଦାନ କରାଗଲେ ପର୍ଯ୍ୟାୟ କ୍ରମରେ ଏମାନଙ୍କୁ ମଧୁବାବୁ ପେନସନ ଯୋଜନାରେ ସାମିଲ କରାଯିବ ବୋଲି ସୂଚନା ଦେଇଛନ୍ତି।

# 'ମଞ୍ଚ ନାଟକ ସମାଜ ସଂସ୍କାରର ବାର୍ତ୍ତାବହ'

ଭଣ୍ଡାରିପୋଖରୀ, ୨୦।୩ (ସ୍ୱ.ପ୍ର.)

ସମ୍ପ୍ରତିକ ସମୟରେ ସାମାଜିକ ମଞ୍ଚ ନାଟକ ସମାଜ ସଂସ୍କାରର ବାର୍ତ୍ତାବହ ବୋଲି ଭଣ୍ଡାରିପୋଖରୀ ମାଳଦା ପଞ୍ଚାୟତ ଜଳହରିଠାରେ ଅନୁଷ୍ଠିତ ନାଟ୍ୟ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଖବରଦାତା ଦୁର୍ଯ୍ୟୋଧନ ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରଥମ ରଜନୀ ନାଟ୍ୟ ଉତ୍ସବ ସଭାରେ ମୁଖ୍ୟଅତିଥି ଭାବେ ଭଣ୍ଡାରିପୋଖରୀ ଥାନା ସହକାରୀ ଅଧିକାରୀ ବୈଦନାଥ ସୋରେନ, ପିସି ସିଂ, ସମ୍ମାନିତ ଅତିଥି ଭାବେ ଖବରଦାତା ରାଜେନ୍ଦ୍ର ଶତପଥୀ, ସାମାଜିକ କର୍ମୀ ରମେଶ ନାୟକ, ଗଗନ ଦାସ ପ୍ରମୁଖ ଯୋଗ ଦେଇଥିଲେ। ନାଟକ ପରିବେଷଣ ଗ୍ରାମର ଯୁବକମାନଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରିଥାଏ ବୋଲି ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଆୟୋଜକ ଜଳେଶ୍ୱର ନାଟ୍ୟ ସଂସଦ ସଭାପତି ଅମୀୟ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ପବିତ୍ର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ନାଟ୍ୟ ନିର୍ଦ୍ଦେଶକ ବିଦ୍ୟାଧର ପଲେଇ, ଶୁକୁମାର ପଲେଇ, ଗୁରୁପ୍ରସାଦ ପଲେଇ ଓ ସହ ନିର୍ଦ୍ଦେଶକ ପ୍ରଦୀପ ପଲାଇଙ୍କ ନିର୍ଦ୍ଦେଶନାରେ 'ମିଛୁଆ ରାଧୁଆ ଗପ ସରିଲା' ଏବଂ 'ଆଖି ଅବୁଝାକୁ ଲୁହ ଅବୁଝା' ନାଟକ ମଞ୍ଚସ୍ଥ ହୋଇଥିଲା। ପ୍ରଭାତ ପଲାଇ, ତପନ ଖୁଣ୍ଟିଆ, ସତ୍ୟଜିତ ପାଣିଗ୍ରାହୀ, ବଳରାମ ସେଠୀ, ପ୍ରଶାନ୍ତ କବି, ମାନସ ପୁହାଣ, ବିଦ୍ୟାଧର ମହାରଣା, ସୁରେନ୍ଦ୍ର କବି, ରାଜେନ୍ଦ୍ର ମହାରଣା, ରମେଶ ଜେନା, ଅକ୍ଷୟ ମହାରଣା, ସୁରେନ୍ଦ୍ର ଖୁଣ୍ଟିଆ, ଅନନ୍ତ ସେଠୀ, କରୁଣାକର ସେଠୀ, ଧୁନା ସେଠୀ ପ୍ରମୁଖ ଅଭିନୟ କରିଥିଲେ।

# ଇରମ ମହିଳା ମହାସଂଘର ପୁନର୍ଗଠନକୁ ବିରୋଧ

ବାସୁଦେବପୁର, ୨୦।୩ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ଇରମ ମହିଳା ମହାସଂଘ ପୁନର୍ଗଠନ କରାଯିବାକୁ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏହାର ପ୍ରକ୍ରିୟା ସମ୍ପୂର୍ଣ୍ଣ ବେଆଇନ ବୋଲି ଦର୍ଶାଇ କାର୍ଯ୍ୟରତ ଇରମ ମହିଳା ମହାସଂଘର ସଭାପତି, ସମ୍ପାଦିକାଙ୍କ ସମେତ କର୍ମକର୍ତ୍ତା ଓ ଶତାଧିକ ଗୋଷ୍ଠୀ ମହିଳା ପୁନର୍ଗଠନକୁ ବିରୋଧ କରିଛନ୍ତି। ସୋମବାର ଏନେଇ ଏକ ଦାବିପତ୍ର ବିଡିଓ ଏବଂ ବିପିଏମ୍‌ଙ୍କୁ ପ୍ରଦାନ ସହ ଘଟଣାର ତଦନ୍ତ କରି ଆଇନ ଅନୁସାରେ ନୂତନ କମିଟି ଗଠନ ପାଇଁ ସେମାନେ ଦାବି କରିଛନ୍ତି। ସମସ୍ୟା ବାବଦରେ ସେମାନେ ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳଙ୍କୁ ମଧ୍ୟ ଅବଗତ କରିଛନ୍ତି। ଏତଦ୍‌ଭିନ୍ନ ଏମ୍‌ବିକେଙ୍କ ବିରୋଧରେ ଆର୍ଥିକ ଅନିୟମିତତାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଇରମ ମହିଳା ମହାସଂଘ ପକ୍ଷରୁ ଦାବି ହୋଇଛି। ଏହି ମହାସଂଘରେ ହୋଇଥିବା ଆର୍ଥିକ ଅନିୟମିତତା ବାବଦରେ ଲୋକାୟୁକ୍ତରେ ମାମଲା ଚାଲିଥିବା ଏବଂ କାର୍ଯ୍ୟ କରୁଥିବା ମହାସଂଘକୁ ଭଙ୍ଗ କରାଯାଇ ନ ଥିବା ବେଳେ କେଉଁ ଆଧାରରେ ନୂତନ କମିଟି ଗଠନ କରାଯାଉଛି, ତାହା ତଦନ୍ତସାପେକ୍ଷ। ଏଣୁ ମହାସଂଘର ପୁନର୍ଗଠନ ପ୍ରକ୍ରିୟାକୁ ବନ୍ଦ ରଖି ଆଇନ ଅନୁସାରେ ଏହି ପ୍ରକ୍ରିୟା କରିବାକୁ ସଭାନେତ୍ରୀ ରମଣୀ ବିଶ୍ୱାଳ ଓ ସମ୍ପାଦିକା ରମାମଣି ମାଝି ଦାବି କରିଛନ୍ତି। ଇସି ମେମ୍ବରମାନଙ୍କୁ ନେଇ ମହାସଂଘ କର୍ମକର୍ତ୍ତା ନିର୍ବାଚନ ପ୍ରକ୍ରିୟାକୁ ବିରୋଧ କରାଯାଇଛି। ବିଡିଓ ସତ୍ୟଜିତ ରାଉତ ଘଟଣାର ତଦନ୍ତ ସହ ନିୟମ ଅନୁଯାୟୀ କାର୍ଯ୍ୟ କରାଯିବ ବାଲି କହିଛନ୍ତି।

# ବୈଶିଙ୍ଗା, ମାଣତ୍ରୀରେ ବ୍ଲକ ଦାବି

ବୈଶିଙ୍ଗା,୨୦।୩ (ଡି.ଏନ୍.ଏ.)

- ସରକାରଙ୍କ ବୈମାତୃକ ମନୋଭାବ ଯୋଗୁ ବେତନଟୀକୁ ଏନ୍‌ଏସି ମାନ୍ୟତା ମିଳୁନି
- ବିଧାନସଭାରେ ଅଭିଯୋଗ କଲେ ବିଧାୟକ

ମୟୂରଭଞ୍ଜ ଜିଲାର ବଡ଼ସାହି ନିର୍ବାଚନମଣ୍ଡଳୀ ବଡ଼ସାହି ଓ ବେତନଟୀ ବ୍ଲକ ଦୁଇଟିକୁ ନେଇ ଗଠିତ ହୋଇଛି। ଭୌଗୋଳିକ ଦୃଷ୍ଟିକୋଣରୁ ବିଶାଳ ଆୟତନ ବିଶିଷ୍ଟ ହୋଇଥିବା ଯୋଗୁ ପ୍ରଶାସନିକ ବ୍ୟବସ୍ଥା ଫେଲ୍ ମାରିଥିବା ବିଧାୟକ ସନାତନ ବିଜୁଳି ବିଧାନସଭାରେ ଅଭିଯୋଗ କରିଛନ୍ତି। ଶନିବାର ବିଧାନସଭାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ଖର୍ଚ୍ଚ ଦାବି ବିଲ୍ ଉପରେ ଆଲୋଚନା ବେଳେ ବଡ଼ସାହି ବ୍ଲକର ୩୦ ଏବଂ ବେତନଟୀ ବ୍ଲକ ଅଧୀନ ୨୪ ପଞ୍ଚାୟତର ଜନସାଧାରଣଙ୍କ ନିକଟରେ ପ୍ରଶାସନ ପହଞ୍ଚି ପାରୁ ନାହିଁ ବୋଲି ବିଧାୟକ କହିଥିଲେ। ଅଧିକାଂଶ ପଞ୍ଚାୟତ କାର୍ଯ୍ୟାଳୟରେ ପିଇଓ ନାହାନ୍ତି। ୪/୫ ପଞ୍ଚାୟତ ଦାୟିତ୍ୱରେ ଜଣେ ପିଇଓ ରହୁଥିବାରୁ ଉନ୍ନୟନମୂଳକ ପ୍ରକଳ୍ପ ଠପ୍ ହୋଇଯାଇଛି। ଏଣୁ ବଡ଼ସାହି ବ୍ଲକର ୩୦ ପଞ୍ଚାୟତ ମଧ୍ୟରୁ ୧୫ଟିକୁ ନେଇ ମାଣତ୍ରୀଠାରେ ଏକ ନୂତନ ବ୍ଲକ ଏବଂ ବେତନଟୀ ବ୍ଲକର ୨୪ ପଞ୍ଚାୟତ ମଧ୍ୟରୁ ୧୨ଟିକୁ ନେଇ ବୈଶିଙ୍ଗାଠାରେ ଏକ ନୂତନ ବ୍ଲକ ସ୍ଥାପନ ନିମନ୍ତେ ସେ ଦାବି ଉପସ୍ଥାପନ କରିଛନ୍ତି।

ଅନ୍ୟପକ୍ଷେ ବେତନଟୀ ସହରାଞ୍ଚଳରେ ଜନସଂଖ୍ୟା, ଦୋକାନ ବଜାର, ଆବାସିକ ଗୃହ, ବ୍ୟବସାୟିକ ପ୍ରତିଷ୍ଠାନ ଦ୍ରୁତ ଅଭିବୃଦ୍ଧି ଏବଂ ସମସ୍ତ ଭିତ୍ତିଭୂମି ସତ୍ତ୍ୱେ ଏହାକୁ ଏନ୍‌ଏସି ମାନ୍ୟତା ଦିଆଯାଉ ନାହିଁ। ଏନେଇ ବିଧାନସଭାରେ ବାରମ୍ବାର ଦାବି କରିଆସୁଥିଲେ ମଧ୍ୟ ସେ ଭାଜପା ଦଳର ବିଧାୟକ ହୋଇଥିବାରୁ ବୈମାତୃକ ମନୋଭାବ ପୋଷଣ କରାଯାଇ ସରକାର ଏ ଦିଗରେ ସବୁ ଜାଣି ମଧ୍ୟ ତାଙ୍କ ଦାବିଗୁଡ଼ିକୁ ଉପେକ୍ଷା କରିଆସୁଥିବା ସେ କହିଛନ୍ତି। ଏଣୁ ଆର୍ଥିକ ଦୁର୍ବଳ ଜନସାଧାରଣଙ୍କୁ ହାତ ପାହାନ୍ତାରେ ନ୍ୟାୟ ପ୍ରଦାନ ନିମନ୍ତେ ତୁରନ୍ତ ମାଣତ୍ରୀ ଓ ବୈଶିଙ୍ଗାଠାରେ ବ୍ଲକ ସ୍ଥାପନ ଏବଂ ବେତନଟୀକୁ ଏନ୍‌ଏସି ମାନ୍ୟତା ପାଇଁ ବିଧାୟକ ଦାବି କରିଛନ୍ତି।

# ପୃଥକ ଦୁର୍ଘଟଣାରେ ୩ ମୃତ

କେନ୍ଦୁଝର/ଢେଙ୍କିକୋଟ,୨୦।୩(ସ୍ୱ.ପ୍ର/ ଡି.ଏନ୍.ଏ)

କେନ୍ଦୁଝର ଜିଲା ସଦର ଥାନା ୨୦ନମ୍ବର ଜାତୀୟ ରାଜପଥ ପଲାସପଙ୍ଗା ଓଭରବ୍ରିଜ ନିକଟରେ ଟ୍ରକ୍ ମାଡ଼ିଯିବାରୁ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି। ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ବଣ୍ଡୁଆଁ ଗ୍ରାମର ମୁକୁନ୍ଦ ସୁଣ୍ଡି ଓ ଗୁରୁତର ହେଲେ କ୍ଷୀରସାଗର ମୁଣ୍ଡା। ଉଭୟ ଝୁମ୍ପୁରା ବଜାରରୁ ଘରକୁ ଫେରୁଥିବା ବେଳେ ବାଇକ ନିୟନ୍ତ୍ରଣ ହରାଇ ପଳାସପଙ୍ଗା ଓଭର ବ୍ରିଜ ବାରିକେଡ୍‌ରେ ଚଢ଼ିଯାଇଥିଲା। ମୁକୁନ୍ଦ ରାସ୍ତାରେ ପଡ଼ିଯାଇଥିଲେ। ପଳାସପଙ୍ଗା ପଟୁ ଆସୁଥିବା ଏକ ଟ୍ରକ୍ ତାଙ୍କ ମୁଣ୍ଡରେ ଚଢ଼ିଯାଇଥିଲା। ସେହିପରି ଘଟଗାଁ ଥାନା ଢେଙ୍କିକୋଟ ଏନ୍‌ଏଚ ୨୦ ଫ୍ଲାଇଓଭରରେ ଦୁର୍ଘଟଣା ଘଟି ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ଦ୍ୱୟ ହେଲେ ମୁକୁନ୍ଦପୁର ପାଟଣା ଗ୍ରାମର ଲୁଲୁ ସେଠୀ(୩୦) ଓ ଯାଜପୁର ଜିଲା ଟମକା ଅଞ୍ଚଳର ପ୍ରତାପ ମହାରଣା। ଉଭୟ ବାଇକ୍‌ରେ ଘଟଗାଁ ଯାଉଥିବା ବେଳେ ଠିଆ ହୋଇଥିବା ଟ୍ରକ୍ ପଛରେ ପିଟି ହୋଇଥିଲେ। ଘଟଗାଁ ଡାକ୍ତରଖାନାରେ ଉଭୟଙ୍କୁ ମୃତ ଘୋଷଣା କରାଯାଇଥିଲା।

## ମାନବିକତା ଦେଖାଇଲେ ବିଡିଓ, ଯନ୍ତ୍ରୀ

# ମହିଳା, ଶିଶୁଙ୍କୁ ଡାକ୍ତରଖାନାରେ ଭର୍ତ୍ତି କଲେ

ଔପଦା, ୨୦।୩(ଡି.ଏନ.ଏ.)

ଦୁର୍ଘଟଣାର ଶିକାର ହୋଇ ଜଣେ ଆଦିବାସୀ ମହିଳା ଓ ତାଙ୍କ ମାସକର ଶିଶୁ ରାସ୍ତାକଡରେ ପଡି ଛଟପଟ ହେଉଥିବା ବେଳେ ଔପଦା ବିଡ଼ିଓ ଅଭିଷେକ ଦାଶ ଓ ସହକାରୀ ନିର୍ବାହୀଯନ୍ତ୍ରୀ ଇଂ. ପପୁ ଭୂୟାଁ ଉଭୟଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଇ ମାନବିକତାର ପରିଚୟ ଦେଇଛନ୍ତି। ବିଡ଼ିଓ ଓ ଯନ୍ତ୍ରୀ କୌଣସି କାମରେ ଅଘିରାପଦା ପଞ୍ଚାୟତ କମାରପାଳ ଗ୍ରାମକୁ ଯାଇ ଅପରାହ୍ନରେ ଫେରୁଥିବା ବେଳେ ମୁଖ୍ୟ ରାସ୍ତାକଡ଼ରେ ମା' ଓ ଛୁଆ କାନ୍ଦୁଥିବା ଦେଖିଥିଲେ। ସେଠାରୁ ଲୋକଙ୍କଠାରୁ ମା', ଛୁଆ ମୋଟର ସାଇକେଲରୁ ଖସିପଡିଥିବା ଜାଣିବା ପରେ ତୁରନ୍ତ ୨ ଅଧିକାରୀ ନିଜ ଗାଡ଼ିରେ ଔପଦା ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଚିକିତ୍ସା ପରେ ଛୁଆର ଅବସ୍ଥା ଗୁରୁତର ଥିବାରୁ ବାଲେଶ୍ୱର ସ୍ଥାନାନ୍ତରିତ କରାଯାଇଛି। ମା' ଓ ଛୁଆ ମୟୂରଭଞ୍ଜ ଜିଲା ମାଙ୍କଡପଡା ଅଞ୍ଚଳର। ସେ କୌଣସି କାମରେ ଔପଦା ଅଞ୍ଚଳକୁ ଆସି ମୋଟରସାଇକେଲରେ ଘରକୁ ଫେରୁଥିବା ବେଳେ ଦୁର୍ଘଟଣା ଘଟିଥିଲା ବୋଲି ଜଣାଯାଇଛି।

# ଯୋଡ଼ା ଜଗନ୍ନାଥ ମନ୍ଦିରରେ ୨୪ ବେଶ ପ୍ରଦର୍ଶିତ

ଯୋଡ଼ା,୨୦।୩(ଡି.ଏନ.ଏ.): କେନ୍ଦୁଝର ଜିଲା ଯୋଡ଼ା ସହରରେ ଥିବା ଶ୍ରୀ ଜଗନ୍ନାଥ ମନ୍ଦିରର ୨୫ତମ ପ୍ରତିଷ୍ଠା ଉତ୍ସବ ତଥା ରୌପ୍ୟ ଜୟନ୍ତୀ ପାଳନ କରାଯାଉଛି। ସୋମବାର ଶ୍ରୀ ଜଗନ୍ନାଥ ସଂସ୍କୃତି ଗବେଷକ ଡଃ ଭାସ୍କର ମିଶ୍ର, ଶ୍ରୀ ମନ୍ଦିର ରାଜ ଭୋଗ ନିଯୋଗର ସଭାପତି ବିଶ୍ୱନାଥ ସାମନ୍ତରା, ପ୍ରଭୁ ଜଗନ୍ନାଥଙ୍କ ମହିମା ଗାନ କରିବା ସହିତ ଶ୍ରଦ୍ଧାଳୁମାନଙ୍କୁ ଶ୍ରୀ ଜଗନ୍ନାଥଙ୍କ ମହିମା ସମ୍ପର୍କରେ ପ୍ରବଚନ ଦେଇଥିଲେ। ବିଭିନ୍ନ ଭକ୍ତି ମୂଳକ ଆଲୋଚନା ସନ୍ଧ୍ୟା ସମୟରେ ମନ୍ଦିରର ବାହ୍ୟ ପ୍ରାଙ୍ଗଣରେ ଚତୁର୍ଦ୍ଧା ମୂର୍ତ୍ତୀଙ୍କ ୨୪ଟି ବେଶ ପ୍ରଦର୍ଶନ କରାଯିବା ସହିତ ରାଜ ଭୋଗର ପ୍ରଦର୍ଶନୀ କରାଯାଇଥିଲା। ଏହାକୁ ଦେଖିବା ପାଇଁ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ଉତ୍ସବ ପାଳନ କରାଯିବ ବୋଲି ସମିତିର ସଭାପତି ଡାକ୍ତର ଅନୀଲ ଦାସ କହିଛନ୍ତି।



# ଚୈତ୍ର ପ୍ରଥମ ସୋମବାର: ଭକ୍ତିମୟ ଶୈବପୀଠ

ଭୋଗରାଇ, ୨୦।୩ (ଡ଼ି. ଏନ. ଏ.)

ଚୈତ୍ର ମାସ ପ୍ରଥମ ସୋମବାର ଶୈବପୀଠଗୁଡିକ ଭକ୍ତିମୟ ହୋଇଛି। ଏହି ମାସ ଶିବଙ୍କ ବିବାହ ମାସ ହୋଇଥିବାରୁ ଶିବଙ୍କୁ ଆରାଧନା କଲେ ପୂଣ୍ୟ ଫଳ ମିଳିଥାଏ ବୋଲି ହିନ୍ଦୁଧର୍ମରେ ବିଶ୍ୱାସ ରହିଛି। ପୂର୍ବଭାରତର ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ଓ ଏସିଆର ସର୍ବବୃହତ ଶିବଲିଙ୍ଗ ଭୂଷଣ୍ଡେଶ୍ୱର ମହାଦେବଙ୍କ ସହିତ ପୁରପଲ୍ଲୀରେ ଥିବା ଶତାଧିକ ଶୈବପୀଠରେ ସୋମବାର ପ୍ରତ୍ୟୁଷରୁ ଭକ୍ତଙ୍କ ନାହିଁ ନ ଥିବା ଗହଳି ଲାଗିଛି। ଭକ୍ତମାନେ ପଇଡ଼, କ୍ଷୀର, ଅରୁଆ ଚାଉଳ, ଶିବଙ୍କ ପସନ୍ଦ ଫୁଲ, ଚନ୍ଦନ, ବେଲପତ୍ର ଧୂପ, ଝୁଣା ନୈବେଦ୍ୟରେ ଶିବଙ୍କୁ ଆରାଧନା କରିଛନ୍ତି।

ପ୍ରଥମ ସୋମବାର ଯୋଗୁ ହୁଗୁଳି ଗ୍ରାମର କୂଳ ପାଉ ନ ଥିବା ଜଳଜନ୍ତ୍ର ଦେବତା ଚନ୍ଦନେଶ୍ୱର ମହାଦେବଙ୍କଠାରେ ଶତାଧିକ ମାନସିକ ଭକ୍ତ ଅଧିଆ ପଡିଥିବା ବେଳେ ପଶ୍ଚିମବଙ୍ଗ ସମେତ ଓଡ଼ିଶାର ବିଭିନ୍ନ ଜିଲାରୁ ଲକ୍ଷାଧିକ ଶୈବଭକ୍ତଙ୍କ ସମାଗମରେ ପୀଠ ପ୍ରକମ୍ପିତ ହୋଇଛି। ଭକ୍ତଙ୍କ ପ୍ରବଳ ଭିଡରେ ଚନ୍ଦନେଶ୍ୱର ମହାଦେବଙ୍କ ମନ୍ଦିର ଭିତର ଗର୍ଭ ଗର୍ଭରେ ଭକ୍ତଙ୍କ ପୂଜା ଲାଗି ଠେଲାପେଲାରେ


ଚନ୍ଦନେଶ୍ୱରଙ୍କ ପୀଠରେ ଭକ୍ତଙ୍କ ଗହଳି।

ବହୁ ଭକ୍ତ ଅଚେତ ହୋଇପଡ଼ିଥିଲେ। ଭକ୍ତଙ୍କ ସକାଶେ ଟ୍ରଷ୍ଟବୋର୍ଡ଼ ପକ୍ଷରୁ କୌଣସି ବ୍ୟବସ୍ଥା ନ ଥିବାରୁ ସେବାୟତ ଓ ପୂଜାରୀମାନେ ଅଣନିଃଶ୍ୱାସୀ ହେବା ସହିତ କମ୍‌ସଂଖ୍ୟକ ପୋଲିସ ମୁତୟନ ଥିବାରୁ ଟ୍ରାଫିକ ସମସ୍ୟା ଓ ମନ୍ଦିର ପରିସରରେ ସୁରକ୍ଷା ବ୍ୟବସ୍ଥା ଢିଲା ପଡିଥିଲା। କେତେକ ମହିଳା ଭକ୍ତଙ୍କ ବେକରୁ ସୁନାଚେନ ଓ ଲକେଟ୍ ଲୁଟ୍ ହୋଇଥିବା ଅଭିଯୋଗ ହୋଇଥିଲା। ପ୍ରତିକୂଳ ପାଗ ସତ୍ତ୍ୱେ ଚୌକି ଗ୍ରାମର ନୀଳକଣ୍ଠେଶ୍ୱର, ଦେଉଳା ହାଟରେ ଅନନ୍ତପୁରୁଷୋତ୍ତମ, ଭୋଗରାଇ ହାଟ ଓ କମର୍ଦ୍ଦାସ୍ଥିତ ବାରଦେଉଳି, ଆରୁହାବୃତ୍ତିରେ ଅଷ୍ଟଶମ୍ଭୁ, ପୁଟିଣାରେ ପୁଟିଣେଶ୍ୱର, କୁମ୍ଭାରମୁଳିରେ ଧବଳେଶ୍ୱର, ଗୋବର୍ଦ୍ଧନପୁରରେ ଝଗ ଆଦି ମହାଦେବ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଲାଗିଥିଲା।

